## ଚତୁର୍ଥ ଅଧ୍ୟାୟ

# ଇଉରୋପୀୟମାନଙ୍କର ଭାରତ ଆଗମନ

### ଭାରତକୁ ଜଳପଥରେ ଆବିଷ୍କାର

ପଞ୍ଚଦଶ ଶତାବ୍ଦୀରେ ଇଉରୋପୀୟମାନେ ଭାରତକୁ ଜଳପଥ ଆବିଷ୍କାର କରି ଏକ ଯୁଗାନ୍ତକାରୀ ଘଟଣା ସୃଷ୍ଟି କରିଥିଲେ । ବହୁ ପୁରୁଣା କାଳରୁ ଇଉରୋପୀୟ ରାଷ୍ଟ୍ରସମୂହ ଭାରତ ସହ ବାଣିଜ୍ୟ କାରବାର କରି ଆସୁଥିଲେ । ପାଟବସ୍ତ୍ର, ଲବଙ୍ଗ, ମରିଚ ଆଦି ମସଲା, ମୂଲ୍ୟବାନ ପଥର, ହାତୀଦାନ୍ତ ଆଦି ବିଳାସ ସାମଗ୍ରୀ ଇଉରୋପୀୟମାନଙ୍କର ଅତି ପ୍ରିୟ ହୋଇଥିବାରୁ ଏଗୁଡ଼ିକ ପ୍ରଚୁର ପରିମାଣରେ ଇଉରୋପୀୟ ଦେଶମାନଙ୍କୁ ଭାରତରୁ ରପ୍ତାନୀ ହେଉଥିଲା।

**ତୁମେ ଜାଣିଛ କି?**
ପ୍ରଥମ ଶତାବ୍ଦୀରେ ରୋମ୍‌ରେ ଶାସନ କରୁଥିବା ଅଗଷ୍ଟସ୍‌ଙ୍କ ରାଜତ୍ୱ ସମୟରେ ରୋମ ଓ ଭାରତର ବାଣିଜ୍ୟିକ ସଂପର୍କ ଚରମ ସୀମାରେ ପହଞ୍ଚିଥିଲା ।

ତ୍ରୟୋଦଶ ଶତାବ୍ଦୀରେ ଇଟାଲୀର ମାର୍କୋପୋଲୋ ନାମକ ଏକ ସାହାସୀ ଯୁବକ ଏସିଆ ଭ୍ରମଣ କରିଥିଲେ । ସେ ନିଜ ଦେଶକୁ ଫେରି ଭାରତର ହୀରା, ମୁକ୍ତା, ସୂକ୍ଷ୍ମ କାର୍ପାସ ବସ୍ତ୍ର ଓ ଅନ୍ୟାନ୍ୟ ଉତ୍କୃଷ୍ଟ ଜିନିଷ ବିଷୟରେ ଲୋକମାନଙ୍କ ଆଗରେ ବର୍ଣ୍ଣନା କଲେ । ମାର୍କୋପୋଲୋଙ୍କ ଏହି ବର୍ଣ୍ଣନା ବହୁ ସଂଖ୍ୟାରେ ଇଉରୋପୀୟମାନଙ୍କୁ ଭାରତ ଆସିବାକୁ ଉତ୍ସାହିତ କରିଥିଲା ମାତ୍ର ସେତେବେଳେ ଇଉରୋପରୁ ଭାରତ ଆସିବାକୁ କୌଣସି ସିଧା ରାସ୍ତା ନଥିଲା । ତେଣୁ ଭାରତରେ ଉତ୍ପାଦିତ ହେଉଥିବା ଜିନିଷଗୁଡ଼ିକ କାବୁଲ, ଆଫଗାନିସ୍ଥାନ, ପାରସ୍ୟ ଓ କନଷ୍ଟାଣ୍ଟିନୋପଲ୍ ଇତ୍ୟାଦି ଦେଶ ଦେଇ ବୁଲାଣି ବାଟରେ ଇଉରୋପୀୟ ଦେଶମାନଙ୍କରେ ପହଞ୍ଚୁଥିଲା। ବୁଲାଣି ରାସ୍ତା ଦେଇ ମାଲଗୁଡ଼ିକ ପରିବହନ ହେଉଥିବାରୁ ଏହାର ମୂଲ୍ୟ ଅତ୍ୟଧିକ ହେଉଥିଲା। ଏହା ସତ୍ତ୍ୱେ ଇଉରୋପୀୟ ଦେଶମାନଙ୍କ ସହିତ ଭାରତର ବାଣିଜ୍ୟ କାରବାର ଚାଲୁଥିଲା।



**ଷୋଡ଼ଶ ଶତାବ୍ଦୀର ଏକ ଜାହାଜର ନମୁନା**

ତୁମ ଅଂଚଳରେ କେଉଁ କେଉଁ ଜିନିଷ କିପରି ବାହାରକୁ ପଠାଯାଉଛି ଲେଖ ।
ଜଳ ପଥରେ ମାଲ ପରିବହନ ଅଧିକ ସୁବିଧା କାହିଁକି, ଅନ୍ୟମାନଙ୍କ ସହ ଆଲୋଚନା କରି ଲେଖ ।

ପଞ୍ଚଦଶ ଶତାବ୍ଦୀର ମଧ୍ୟଭାଗରେ (୧୪୫୩ ଖ୍ରୀଷ୍ଟାବ୍ଦରେ) ଅଟୋମାନ ତୁର୍କମାନେ ଏକ ସାମ୍ରାଜ୍ୟ ପ୍ରତିଷ୍ଠା କରି କନଷ୍ଟାଣ୍ଟିନୋପଲ୍ ଅଧିକାର କରିଥିଲେ । ଫଳରେ ଏହି ବାଟ ଦେଇ ଭାରତରୁ ଇଉରୋପୀୟ ଦେଶମାନଙ୍କୁ



Odisha Board and NCERT All Books With Solutions OBS

ମାଲ ପରିବହନ ବନ୍ଦ ହୋଇଗଲା। ତେଣୁ ଇଉରୋପୀୟ ଦେଶ ମାନଙ୍କ ସହିତ ଭାରତ ବାଣିଜ୍ୟ କାରବାର ହୋଇ ପାରି ନ ଥିଲା। ଏଥିପାଇଁ ଏକ ସିଧା ସଳଖ ଜଳପଥ (ଇଉରୋପରୁ ଭାରତ) ଆବିଷ୍କାର କରିବା ପାଇଁ ଇଉରୋପୀୟମାନଙ୍କ ମଧ୍ୟରେ ଆଗ୍ରହ ପ୍ରକାଶ ପାଇଥିଲା। କାଳକ୍ରମେ ଏହି ଆଗ୍ରହ ବାସ୍ତବ ରୂପ ନେଇ ପଞ୍ଚଦଶ ଶତାବ୍ଦୀରେ ଇଉରୋପରୁ ଭାରତକୁ ଏକ ଜଳପଥ ଆବିଷ୍କୃତ ହୋଇଥିଲା।



ଭାସ୍କୋଡ଼ାଗାମା

## ପର୍ତ୍ତୁଗୀଜମାନଙ୍କ ଭାରତ ଆଗମନ:

ଇଉରୋପୀୟମାନଙ୍କ ମଧ୍ୟରେ ଭାରତକୁ ଜଳପଥରେ ଆବିଷ୍କାର କରିବାରେ ପର୍ତ୍ତୁଗୀଜ୍‌ମାନେ ସବୁଠାରୁ ଆଗରେ ଥିଲେ । ଏହି କାର୍ଯ୍ୟ କରିବା ପାଇଁ ବହୁ ପର୍ତ୍ତୁଗୀଜ୍ ନାବିକ ନିରବଚ୍ଛିନ୍ନ ଭାବରେ ଉଦ୍ୟମ କରିଥିଲେ । ସେମାନଙ୍କ ମଧ୍ୟରେ ବାର୍ଥଲୋମିଓ ଡାଏଜ୍ ନାମକ ପର୍ତ୍ତୁଗୀଜ୍ ନାବିକ ଆଫ୍ରିକା ଉପକୂଳରୁ ନିଜର ଯାତ୍ରା ଆରମ୍ଭ କରି ଉତ୍ତମାଶା ଅନ୍ତରୀପ ପର୍ଯ୍ୟନ୍ତ ଆସି ପାରିଥିଲେ । ପରେ ପର୍ତ୍ତୁଗୀଜ୍ ସରକାରଙ୍କ କଲମ୍ବସ୍ ନାମକ ଅନ୍ୟ ଏକ ରାଜକର୍ମଚାରୀ ଭାରତକୁ ଜଳପଥ ଆବିଷ୍କାର କରିବା ପାଇଁ ଚେଷ୍ଟା କରିଥିଲେ । ମାତ୍ର ସେ ଜଳଯାତ୍ରା କରି ଭାରତରେ ନ ପହଞ୍ଚି ଆମେରିକାରେ ପହଞ୍ଚିଥିଲେ । ଏହାର ଛଅବର୍ଷ ପରେ ଭାସ୍କୋଡାଗାମା ନାମକ ଜଣେ ଇଟାଲୀର ନାବିକ ଭାରତକୁ ଜଳପଥ ଆବିଷ୍କାର ପାଇଁ ଚେଷ୍ଟା କରିଥିଲେ ।




ଭାରତକୁ ଜଳପଥ ଆବିଷ୍କାର ପାଇଁ ଭାସ୍କୋଡାଗାମା ତିନୋଟି ଜାହାଜ ସହିତ ପର୍ତ୍ତୁଗାଲରୁ ଜଳଯାତ୍ରା ଆରମ୍ଭ କରିଥିଲେ । ସେ ଆଟଲାଣ୍ଟିକ୍ ମହାସାଗରରେ ଜାହାଜ ଚଳାଇ ଆଫ୍ରିକା ମହାଦେଶର ଦକ୍ଷିଣ ସୀମାରେ ଅବସ୍ଥିତ ଉତ୍ତମାଶା ଅନ୍ତରୀପ ଠାରେ ପହଞ୍ଚିଥିଲେ । ଏହାପରେ ଭାରତ ମହାସାଗର ଦେଇ ଜଳଯାତ୍ରା କରି ୧୪୯୮ ଖ୍ରୀଷ୍ଟାବ୍ଦରେ ଭାରତର ପଶ୍ଚିମ ଉପକୂଳରେ ଥିବା କାଲିକଟ୍ ନାମକ ସ୍ଥାନରେ ପହଞ୍ଚିଥିଲେ । ଏହା ଫଳରେ ଭାରତକୁ ଜଳପଥ ଆବିଷ୍କାର ହୋଇଥିଲା।

ତୁମେ ଯଦି ସେହି ସମୟରେ ଭାସ୍କୋଡାଗାମାଙ୍କ ସହ ଜଳପଥରେ ଭାରତ ଯାତ୍ରା କରିଥାନ୍ତ, ସାଙ୍ଗରେ କ'ଣ କ'ଣ ନେଇ ଯାଇଥାନ୍ତ,ଲେଖ ।



COMPETITIVE BOOKS
ଓଡ଼ିଶା Board and NCERT
All Books With Solutions
OBS

মানচিত্র দেখি ভাস্কোডাগামা কেউঁ বাট দেই ভারতরে পহঞ্চিথিলে, চিহ্নট করি সেগুড়িকর নাম লেখ ।

ସେତେବେଳେ କାଲିକଟ୍‌କୁ ଜାମୋରିନ୍ ନାମକ ହିନ୍ଦୁ ରାଜା ଶାସନ କରୁଥିଲେ । ସେ ଭାସ୍କୋଡାଗାମାଙ୍କୁ ଆତିଥେୟତା ପ୍ରଦାନ କରି ବନ୍ଧୁତାପୂର୍ଣ୍ଣ ବ୍ୟବହାର କରିଥିଲେ । ରାଜା ଜାମୋରିନ୍ ଭାସ୍କୋଡାଗାମାଙ୍କୁ ବାଣିଜ୍ୟ କରିବା ପାଇଁ ଅନୁମତି ଦେଇଥିଲେ । ଭାସ୍କୋଡାଗାମାଙ୍କ ଜଳଯାତ୍ରାର ଉଦ୍ଦେଶ୍ୟ ସଫଳ ହୋଇଥିଲା। ଏହା ଫଳରେ ଭାରତ ଓ ଇଉରୋପ ମଧ୍ୟରେ ବାଣିଜ୍ୟ ଯୋଗାଯୋଗ ସ୍ଥାପିତ ହୋଇଥିଲା।

**ତୁମେ ଜାଣିଛ କି?**

ଭାସ୍କୋଡାଗାମା ସମୁଦ୍ର ପଥ ଦେଇ ପର୍ତ୍ତୁଗାଲର ରାଜଧାନୀ ଲିସ୍‌ବନ୍‌କୁ ଫେରିବା ବେଳେ ଚାରୋଟି ଜାହାଜ ଓ ୧୭୦ ଜଣ ଲୋକଙ୍କୁ ହରାଇଥିଲେ । ତାଙ୍କ ସାଙ୍ଗରେ ମାତ୍ର ୫୪ ଜଣ ଲୋକ ନିଜ ଦେଶକୁ ଫେରିଥିଲେ ।

## ପର୍ତ୍ତୁଗୀଜ୍

ଭାସ୍କୋଡ଼ାଗାମା କାଲିକଟରେ ୬ ମାସ ରହି ଅନେକ ମସଲାଜାତ ଦ୍ରବ୍ୟ ଜାହାଜରେ ଭର୍ତ୍ତି କରି ପର୍ତ୍ତୁଗାଲକୁ ଫେରି ୧୪୯୯ ଖ୍ରୀଷ୍ଟାବ୍ଦରେ ଲିସବନ୍‌ରେ ପହଞ୍ଚିଥିଲେ । ସେ ପର୍ତ୍ତୁଗୀଜ ରାଜ ଦରବାରରେ ଭାରତରେ ଇଉରୋପୀୟ ଜିନିଷର ଚାହିଦା ବିଷୟରେ ପ୍ରକାଶ କରିଥିଲେ । ଫଳରେ ଭାରତରେ ବାଣିଜ୍ୟ ବ୍ୟବସାୟ କରିବା ପାଇଁ ପର୍ତ୍ତୁଗୀଜମାନେ ଉତ୍ସାହିତ ହୋଇଥିଲେ । ଫଳରେ ୧୫୦୦ ଖ୍ରୀଷ୍ଟାବ୍ଦ ମାର୍ଚ୍ଚ ମାସରେ ପେଡ୍ରୋଆଲ୍‌ଭାରେଜ୍ କାବ୍ରେଲ୍ ନାମକ ଜଣେ ନାବିକ ୧୩ ଖଣ୍ଡ ବାଣିଜ୍ୟ ତରୀ ସହ ଲିସବନ୍‌ଠାରୁ ଭାରତ ଅଭିମୁଖେ ଜଳଯାତ୍ରା କରି ସେପ୍ଟେମ୍ବର ମାସରେ ଭାରତରେ ପହଞ୍ଚିଥିଲେ । କିନ୍ତୁ ରାଜା ଜାମୋରିନ୍‌ଙ୍କ ସହ ତାଙ୍କ ମତଭେଦ ହେବାରୁ ସେ କାଲିକଟ୍ ଛାଡ଼ି କୋଚିନଠାରେ ଆଶ୍ରୟ ନେଇଥିଲେ ।

୧୫୦୨ ଖ୍ରୀଷ୍ଟାବ୍ଦରେ ଭାସ୍କୋଡାଗାମା ପୁଣି କାଲିକଟ୍‌ଠାରେ ପହଞ୍ଚିଥିଲେ । ଜାମୋରିନ୍‌ଙ୍କ ଅନୁମତି କ୍ରମେ କାଲିକଟ୍‌ଠାରେ ଏକ ବାଣିଜ୍ୟ କୋଠି ନିର୍ମିତ ହୋଇଥିଲା। ୧୫୦୦ ଖ୍ରୀଷ୍ଟାବ୍ଦରୁ ୧୫୦୫ ପର୍ଯ୍ୟନ୍ତ ପର୍ତ୍ତୁଗୀଜ୍ ଓ ଆରବମାନଙ୍କ ମଧ୍ୟରେ ଯୁଦ୍ଧ ଲାଗି ରହିଥିଲା। ଶେଷରେ ଆରବ ବଣିକମାନଙ୍କ ପ୍ରଭାବ ଲୋପ ପାଇ ମାଲବାର ଉପକୂଳରେ ପର୍ତ୍ତୁଗୀଜ୍‌ଙ୍କ ପ୍ରାଧାନ୍ୟ ପ୍ରତିଷ୍ଠିତ ହୋଇଥିଲା।

**ତୁମେ ଜାଣିଛ କି?**

❖ ଭାରତରେ ପର୍ତ୍ତୁଗୀଜ୍ ଗଭର୍ଣ୍ଣର ମାନେ ୩ ବର୍ଷ ପାଇଁ ନିଯୁକ୍ତି ପାଉଥିଲେ ।

❖ ଫ୍ରାନସିସ୍କୋଡି ଆଲ୍‌ମିଡ଼ା ପର୍ତ୍ତୁଗୀଜ୍-ମାନଙ୍କର ପ୍ରଥମ ଗଭର୍ଣ୍ଣର ଥିଲେ ।

❖ ଆଲ୍‌ବୁକର୍କଙ୍କୁ ପର୍ତ୍ତୁଗୀଜ୍ ଇତିହାସରେ କ୍ଲାଇବଙ୍କ ସ୍ଥାନ ଦିଆଯାଏ ।

❖ ପର୍ତ୍ତୁଗୀଜ୍ ମାନଙ୍କର ଦୁର୍ବଳ ଶାସନ ପ୍ରଣାଳୀ, ତ୍ରୁଟିପୂର୍ଣ୍ଣ ବାଣିଜ୍ୟ ବ୍ୟବସ୍ଥା, ହିନ୍ଦୁ ଓ ମୁସଲମାନଙ୍କ ପ୍ରତି ସେମାନଙ୍କ ମନୋଭାବ, ପରସ୍ପର ମଧ୍ୟରେ କଳହ ଓ ଇଉରୋପର ରାଜନୈତିକ ଘଟଣା ସେମାନଙ୍କର ବିପର୍ଯ୍ୟୟ ପାଇଁ ଦାୟୀ ଥିଲା।

ପର୍ତ୍ତୁଗୀଜ୍ ଓ ଆରବମାନଙ୍କ ମଧ୍ୟରେ କେଉଁ କେଉଁ କାରଣ ପାଇଁ କଳହ ଲାଗିଥିଲା। ତଥ୍ୟ ସଂଗ୍ରହ କରି ଲେଖ।

ପରବର୍ତ୍ତୀ ସମୟରେ ପର୍ତ୍ତୁଗାଲ ରାଜାଙ୍କ ଦ୍ୱାରା ପର୍ତ୍ତୁଗୀଜ୍ ବାଣିଜ୍ୟ ପ୍ରତିଷ୍ଠାନ ପରିଚାଳନା ପାଇଁ ଗଭର୍ଣ୍ଣର ମାନେ ନିଯୁକ୍ତ ହୋଇଥିଲେ । ଭାରତରେ ପର୍ତ୍ତୁଗୀଜ୍ ଗଭର୍ଣ୍ଣର ପଦବୀରେ ନିଯୁକ୍ତି ପାଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଆଲ୍‌ବୁକର୍କ ଶ୍ରେଷ୍ଠଥିଲେ । ସେ ବିଜାପୁର ସୁଲତାନ୍‌ଙ୍କଠାରୁ ଗୋଆ ବନ୍ଦର ଅଧିକାର କରିଥିଲେ । ପରବର୍ତ୍ତୀ ଗଭର୍ଣ୍ଣରମାନଙ୍କ ଶାସନ କାଳରେ ଡିଉ, ଡାମନ, ସାଲସେଟ୍‌ବେସିନ, ବମ୍ବେ ଓ ବଙ୍ଗ ଦେଶର ହୁଗୁଳି ପ୍ରଭୃତି ସ୍ଥାନ ଅଧିକାର କରିଥିଲେ । ସେମାନେ ପ୍ରାୟ ୧୦୦ ବର୍ଷ ଧରି ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ପ୍ରଭାବ ବିସ୍ତାର କରିଥିଲେ । ମାତ୍ର ଅଷ୍ଟାଦଶ ଶତାବ୍ଦୀ ବେଳକୁ ଭାରତର ବାଣିଜ୍ୟ କ୍ଷେତ୍ରରେ ପର୍ତ୍ତୁଗୀଜ୍‌ମାନଙ୍କ ପ୍ରଭାବ ଲୋପ ପାଇଥିଲା ।

ଆଲବୁକର୍କ ପର୍ତ୍ତୁଗୀଜମାନଙ୍କର ବାଣିଜ୍ୟ ବୃଦ୍ଧିପାଇଁ କି କି ପଦକ୍ଷେପ ନେଇଥିବେ, ଅନ୍ୟମାନଙ୍କ ସହ ଆଲୋଚନା କରି ଲେଖ ।

## ଡଚ୍ ବା ଓଲନ୍ଦାଜ୍

ଷୋଡ଼ଶ ଶତାବ୍ଦୀର ଶେଷ ଭାଗରେ ହଲାଣ୍ଡ ଦେଶର ଅଧିବାସୀ ବା ଡଚ୍‌ମାନେ ଭାରତକୁ ବାଣିଜ୍ୟ କରିବାକୁ ଆସିଥିଲେ । ୧୬୦୨ ଖ୍ରୀଷ୍ଟାବ୍ଦରେ ସେମାନେ ଡଚ୍ ଇଷ୍ଟଇଣ୍ଡିଆ କଂପାନୀ ନାମକ ଏକ ବାଣିଜ୍ୟ ସଂସ୍ଥା ଗଠନ କରିଥିଲେ । ଭାରତ ଓ ଦକ୍ଷିଣ ପୂର୍ବ ଏସିଆରୁ ଗରମ ମସଲା ଆମଦାନୀ କରିବା ସେମାନଙ୍କର ପ୍ରଧାନ ଉଦ୍ଦେଶ୍ୟ ଥିଲା । ଡଚ୍‌ମାନେ ପର୍ତ୍ତୁଗୀଜ୍‌ମାନଙ୍କୁ ପରାସ୍ତ କରି ସେମାନଙ୍କ ଅଧୀନସ୍ଥ ଅନେକ ଅଂଚଳ ଅଧିକାର କରିଥିଲେ । ସେମାନେ ଗୁଜୁରାଟ, କରମଣ୍ଡଳ ଉପକୂଳ ବଙ୍ଗ, ବିହାର ଆଦି ଅଂଚଳରେ ବାଣିଜ୍ୟ କୋଠିମାନ ସ୍ଥାପନ କରିଥିଲେ । ଏହା ବ୍ୟତୀତ ମଛଲିପଟନମ୍, ସୁରଟ୍, କାସିମ୍ ବଜାର, କୋଚିନ ଓ ବାଲେଶ୍ୱର ଇତ୍ୟାଦି ସ୍ଥାନମାନଙ୍କରେ ବାଣିଜ୍ୟ କେନ୍ଦ୍ରମାନ ସ୍ଥାପନ କରିଥିଲେ । ଭାରତକୁ ଇଂରେଜମାନେ ଆସିଲା ପରେ ଡଚ୍‌ମାନେ ପ୍ରବଳ ପ୍ରତିରୋଧର ସମ୍ମୁଖୀନ ହୋଇଥିଲେ । ପରିଶେଷରେ ସେମାନେ ଇଂରେଜ ଓ ଫରାସୀମାନଙ୍କୁ ପ୍ରତିରୋଧ କରି ନପାରି ଭାରତ ତ୍ୟାଗ କରି ଜାଭା, ସୁମାତ୍ରା ଓ ମାଳୟ ଦ୍ୱୀପପୁଞ୍ଜରେ ବାଣିଜ୍ୟ କାରବାର କରିଥିଲେ । ଏମାନଙ୍କ ବ୍ୟତୀତ ଡେନମାର୍କ ଦେଶର ଅଧିବାସୀ ବା ଦିନାମାରମାନେ ବଙ୍ଗଦେଶର ଶ୍ରୀରାମପୁରଠାରେ ବାଣିଜ୍ୟ କୋଠିମାନ ସ୍ଥାପନ କରି ବିଭିନ୍ନ ପ୍ରକାର ବ୍ୟବସାୟ କରିଥିଲେ ।

ଡଚ୍‌ମାନେ ଇଂରେଜ ଓ ଫରାସୀମାନଙ୍କଠାରୁ ପ୍ରବଳ ପ୍ରତିରୋଧର ସମ୍ମୁଖୀନ ହେବାର କାରଣ କ'ଣ, ଅନ୍ୟମାନଙ୍କଠାରୁ ବୁଝି ଲେଖ ।

## ଇଂରେଜ ଇଷ୍ଟଇଣ୍ଡିଆ କଂପାନୀ

୧୫୯୯ ଖ୍ରୀଷ୍ଟାବ୍ଦରେ ଲଣ୍ଡନର କେତେକ ବଣିକ ଓ ନାବିକମାନେ ଏକ ବାଣିଜ୍ୟ ସଂସ୍ଥା ଗଠନ କରିଥିଲେ । ଏହି ସଂସ୍ଥାକୁ ଇଂଲଣ୍ଡ ରାଣୀ ଏଲିଜାବେଥ୍ ବାଣିଜ୍ୟ କରିବା ପାଇଁ ଅନୁମତି ଦେଇଥିଲେ । ପରବର୍ତ୍ତୀ କାଳରେ ଏହି କଂପାନୀ ଇଷ୍ଟ ଇଣ୍ଡିଆ କଂପାନୀ ନାମରେ ପରିଚିତ ହୋଇଥିଲା । ଇଷ୍ଟ ଇଣ୍ଡିଆ କଂପାନୀ ପ୍ରଥମେ ଜାଭା ଓ ସୁମାତ୍ରା ଇତ୍ୟାଦି ସ୍ଥାନରେ ବାଣିଜ୍ୟ କରିଥିଲେ । ଏସବୁ ସ୍ଥାନରେ ସେମାନଙ୍କୁ ଡଚ୍‌ମାନଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପଡ଼ିଥିଲା । ତେଣୁ ସେମାନେ

**ତୁମେ ଜାଣିଛ କି ?**

ରାଣୀ ଏଲିଜାବେଥ୍‌ଙ୍କ ରାଜତ୍ୱ କାଳ ଇଂଲଣ୍ଡ ଇତିହାସରେ ସୁବର୍ଣ୍ଣ ଯୁଗ ଥିଲା । ଏଲିଜାବେଥ୍‌ଙ୍କ ଶାସନ କାଳରେ ନାବିକ ଫ୍ରାନ୍‌ସିସ୍ ଡ୍ରେକ ଜଳପଥରେ ପୃଥିବୀ ପ୍ରଦକ୍ଷିଣ କରିଥିଲେ ।

ଭାରତରେ ବାଣିଜ୍ୟ କରିବା ପାଇଁ ଆଗ୍ରହୀ ହୋଇଥିଲେ । ଏହି କାର୍ଯ୍ୟ ପାଇଁ ସେ ସମୟରେ ଭାରତରେ ଶାସନ କରୁଥିବା ମୋଗଲ ସମ୍ରାଟ ଜାହାଙ୍ଗୀର୍‌ଙ୍କ ଦରବାରକୁ ଇଂରେଜମାନେ କ୍ୟାପଟେନ ହକିନ୍ସଙ୍କୁ ପଠାଇଥିଲେ । ଜାହାଙ୍ଗୀର୍ ଅତ୍ୟନ୍ତ ଖୁସି ହୋଇ ଇଂରେଜମାନଙ୍କୁ ସୁରାଟଠାରେ ବାଣିଜ୍ୟ କୋଠି ନିର୍ମାଣ ପାଇଁ ସୁଯୋଗ ଦେଇଥିଲେ ମାତ୍ର ପର୍ତ୍ତୁଗୀଜ୍‌ମାନଙ୍କ ଷଡ଼ଯନ୍ତ୍ର ଯୋଗୁ ହକିନ୍ସ କୌଣସି ବାଣିଜ୍ୟ ସୁବିଧା ହାସଲ ନକରି ଇଂଲଣ୍ଡକୁ ଫେରି ଯାଇଥିଲେ ।

ତୁମେ ସେତେବେଳେ କ୍ୟାପଟେନ ହକିନ୍‌ସ ହୋଇ ଜାହାଙ୍ଗୀର୍‌ଙ୍କ ଦରବାରକୁ ଯାଇଥିଲେ ବାଣିଜ୍ୟ କାରବାର ପାଇଁ କିପରି ଅନୁମତି ହାସଲ କରିଥାନ୍ତ, ଲେଖ ।

ପ୍ରଥମ ଜେମସ୍ ସାର୍ ଟମାସ୍ ରୋ ନାମକ ଏକ ବିଚକ୍ଷଣ ରାଜଦୂତଙ୍କୁ ଜାହାଙ୍ଗୀରଙ୍କ ଦରବାରକୁ ପଠାଇ ଅନେକ ବାଣିଜ୍ୟ ସୁବିଧା ହାସଲ କରିଥିଲେ । ସେ ୧୬୧୯ ଖ୍ରୀଷ୍ଟାବ୍ଦରେ ଭାରତରୁ ବିଦାୟ ନେବା ବେଳକୁ ଆଗ୍ରା, ଅହମ୍ମଦାବାଦ, ସୁରଟ ଇତ୍ୟାଦି ସ୍ଥାନରେ ବାଣିଜ୍ୟ କୋଠିମାନ ସ୍ଥାପିତ ହୋଇ ପାରିଥିଲା। ଏହାପରେ ଇଂରେଜମାନେ ଭାରତର ଦକ୍ଷିଣ ପୂର୍ବ ଉପକୂଳରେ ବାଣିଜ୍ୟ କୋଠି ନିର୍ମାଣ ପାଇଁ ଉଦ୍ୟମ କରିଥିଲେ। ଫଳରେ ଗୋଲକୁଣ୍ଡା ରାଜ୍ୟର ମୁଖ୍ୟ ପୋତାଶ୍ରୟ ମଛଲିପଟ୍ଟନମ୍, ବମ୍ବେ, ବଙ୍ଗଦେଶର ସୁତାନଟି ଓ ଓଡ଼ିଶାର ବାଲେଶ୍ୱରଠାରେ ଇଂରେଜମାନେ ବାଣିଜ୍ୟ କୋଠିମାନ ନିର୍ମାଣ କରିଥିଲେ । ଏହିପରି ଭାବରେ ଇଂରେଜମାନେ ସେମାନଙ୍କର ବାଣିଜ୍ୟର ପ୍ରସାର ଘଟାଇ ପରବର୍ତ୍ତୀ ସମୟରେ ଭାରତୀୟ ରାଜନୀତିରେ ହସ୍ତକ୍ଷେପ କରିଥିଲେ ।

**ତୁମେ ଜାଣିଛ କି?**

- ଇଂଲଣ୍ଡର ରାଜା ଦ୍ୱିତୀୟ ଚାର୍ଲସ୍ ପର୍ତ୍ତୁଗାଲର ରାଜକନ୍ୟା କାଥେରାଇନ୍‌ଙ୍କୁ ବିବାହ କରି ବମ୍ବେକୁ ଯୌତୁକ ରୂପେ ପାଇଥିଲେ ।
- ୧୭୧୭ ଖ୍ରୀଷ୍ଟାବ୍ଦରେ ମୋଗଲ ସମ୍ରାଟ ଫାରୁକ୍ ସୟାର ବଙ୍ଗ ଦେଶରେ ବାଣିଜ୍ୟ କରିବାକୁ ଇଂରେଜମାନଙ୍କୁ କେତେକ ସ୍ୱତନ୍ତ୍ର ସୁବିଧା ଦେଇଥିଲେ ।

ଇଂରେଜମାନେ ଉପକୂଳ ଅଂଚଳରେ ବାଣିଜ୍ୟ କୋଠି କାହିଁକି ନିର୍ମାଣ କରୁଥିଲେ, ତଥ୍ୟ ସଂଗ୍ରହ କରି ଲେଖ।

## ଫରାସୀ ଇଷ୍ଟଇଣ୍ଡିଆ କଂପାନୀ

ପର୍ତ୍ତୁଗୀଜ୍, ଡଚ୍ ଓ ଇଂରେଜମାନଙ୍କ ଆସିବାର ବହୁ ବର୍ଷ ପରେ ଫରାସୀମାନେ ବାଣିଜ୍ୟ କରିବା ପାଇଁ ଭାରତକୁ ଆସିଥିଲେ । ସେମାନେ ଭାରତକୁ ଆସି ୧୬୬୪ ଖ୍ରୀଷ୍ଟାବ୍ଦରେ ଫରାସୀ ଇଷ୍ଟଇଣ୍ଡିଆ କଂପାନୀ ଗଠନ କରିଥିଲେ । ପ୍ରାଚ୍ୟ ଦେଶମାନଙ୍କ ସହ ବାଣିଜ୍ୟ କାରବାର କରିବା ଏହି ସଂସ୍ଥାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ପରବର୍ତ୍ତୀ ସମୟରେ ୧୬୬୮ ଖ୍ରୀଷ୍ଟାବ୍ଦରେ କେତେକ ଫରାସୀ ବଣିକ ସୁରାଟଠାରେ ବାଣିଜ୍ୟ କୋଠି ନିର୍ମାଣ କରିଥିଲେ । ପରେ ସେମାନେ ଗୋଲକୁଣ୍ଡା ସୁଲତାନ୍‌ଙ୍କଠାରୁ ଅନୁମତି ପାଇ ମଛଲିପଟ୍ଟନମ୍‌ଠାରେ ବାଣିଜ୍ୟ କୋଠି ନିର୍ମାଣ କରିଥିଲେ । ପରେ ପରେ ସେମାନେ ପଣ୍ଡିଚେରୀ, ବଙ୍ଗଦେଶର ଚନ୍ଦନନଗର ଓ ଓଡ଼ିଶାର ବାଲେଶ୍ୱରଠାରେ ବାଣିଜ୍ୟ କୋଠିମାନ ନିର୍ମାଣ କରିଥିଲେ । ଏହାଛଡ଼ା ମାଲବାର ଉପକୂଳର ମାହେବନ୍ଦର ଫରାସୀମାନେ ଅଧିକାର କରି ସେଠାରେ ବାଣିଜ୍ୟ କାରବାର କରିଥିଲେ ।

ଅଷ୍ଟାଦଶ ଶତାବ୍ଦୀ ମଧ୍ୟ ଭାଗରେ ଇଂରେଜ ଓ ଫରାସୀମାନଙ୍କ ମଧ୍ୟରେ ବାଣିଜ୍ୟ ବ୍ୟବସାୟ ଓ ରାଜନୈତିକ କ୍ଷେତ୍ରରେ ପ୍ରବଳ ପ୍ରତିଦ୍ୱନ୍ଦିତା ହୋଇ ଯୁଦ୍ଧର ରୂପ ନେଲା। ଏହି ଯୁଦ୍ଧକୁ କର୍ଣ୍ଣାଟ ସମର କୁହାଯାଏ। ଫରାସୀ ଓ ଇଂରେଜମାନଙ୍କ ମଧ୍ୟରେ ତିନୋଟି କର୍ଣ୍ଣାଟ ସମର ହୋଇଥିଲା। ଏହି ସମରରେ ଫରାସୀମାନେ ଇଂରେଜମାନଙ୍କଠାରୁ ପରାଜିତ ହୋଇଥିଲେ । ଫଳରେ ଫରାସୀମାନଙ୍କର ବାଣିଜ୍ୟ କାରବାର ବିପର୍ଯ୍ୟସ୍ତ ହୋଇ ଯାଇଥିଲା ଏବଂ ସେମାନେ ଭାରତରେ ସାମ୍ରାଜ୍ୟ ପ୍ରତିଷ୍ଠା କରି ପାରି ନ ଥିଲେ ।

**ତୁମେ ଜାଣିଛ କି?**

ପ୍ରଥମ କର୍ଣ୍ଣାଟସମର : ୧୭୪୬-୧୭୪୮ ଖ୍ରୀଷ୍ଟାବ୍ଦ

ଦ୍ୱିତୀୟ କର୍ଣ୍ଣାଟସମର : ୧୭୪୯-୧୭୫୪ ଖ୍ରୀଷ୍ଟାବ୍ଦ

ତୃତୀୟ କର୍ଣ୍ଣାଟସମର : ୧୭୫୮-୧୭୬୩ ଖ୍ରୀଷ୍ଟାବ୍ଦ

## ଆମେ କଣ ଶିଖିଲେ

- ବହୁ ପ୍ରାଚୀନ କାଳରୁ ଇଉରୋପୀୟ ଦେଶମାନଙ୍କ ସହ ଭାରତର ବାଣିଜ୍ୟ କାରବାର ହେଉଥିଲା।
- ତ୍ରୟୋଦଶ ଶତାବ୍ଦୀରେ ମାର୍କୋପୋଲୋ ନାମକ ଇଟାଲିର ଏକ ଯୁବକ ଏସିଆ ଭ୍ରମଣ କରିଥିଲେ ।
- ପର୍ତ୍ତୁଗୀଜ୍ ନାବିକ ଭାସ୍କୋଡାଗାମା ୧୪୯୮ ଖ୍ରୀଷ୍ଟାବ୍ଦରେ ଭାରତକୁ ଜଳପଥ ଆବିଷ୍କାର କରିଥିଲେ । ଫଳରେ ଇଉରୋପରୁ ଭାରତକୁ ଜଳପଥରେ ଯୋଗାଯୋଗ ହୋଇଥିଲା।
- ଭାରତକୁ ଜଳପଥର ଆବିଷ୍କାର ପରେ ପର୍ତ୍ତୁଗୀଜ୍, ଡଚ୍, ଇଂରେଜ ଓ ଫରାସୀମାନେ ଭାରତ ସହ ବାଣିଜ୍ୟ କାରବାର କରିଥିଲେ ।

ପ୍ରଶ୍ନୋତ୍ତର ଟ୍ୟୁଟୋରିଆଲ
COMPETITIVE BOOKS
ଓଡ଼ିଶା Board and NCERT
All Books With Solutions
OBS

## ପ୍ରଶ୍ନାବଳୀ

୧. ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

କ. ପ୍ରାଚୀନ କାଳରେ ଇଉରୋପ ମହାଦେଶର ଲୋକମାନେ ଭାରତରୁ କେଉଁ କେଉଁ ଜିନିଷ ଆମଦାନୀ କରୁଥିଲେ?

ଖ. ଇଉରୋପୀୟ ମାନେ ଭାରତକୁ ଆସିବାକୁ କାହିଁକି ଆଗ୍ରହ ପ୍ରକାଶ କରିଥିଲେ?

ଗ. ଭାରତର ବିଭିନ୍ନ ଜିନିଷଗୁଡ଼ିକ ଇଉରୋପ ମହାଦେଶରେ ମହଙ୍ଗାରେ ବିକ୍ରି ହେଉଥିଲା କାହିଁକି?

ଘ. ଇଉରୋପ ମହାଦେଶ ସହ ଭାରତର ବାଣିଜ୍ୟ କାରବାର ବନ୍ଦ ହେବାର କାରଣ କଣ ଥିଲା?

ଙ. ପର୍ତ୍ତୁଗୀଜ୍‌ମାନେ ଭାରତକୁ ଜଳପଥ ଆବିଷ୍କାର କରିବା ପାଇଁ କି କି ପଦକ୍ଷେପ ନେଇଥିଲେ?

ଚ. ଡଚ୍‌ମାନେ ଷୋଡ଼ଶ ଶତାବ୍ଦୀରେ ଭାରତକୁ କାହିଁକି ଆସିଥିଲେ?

ଛ. ୧୫୯୯ ମସିହାରେ ଲଣ୍ଡନର କେତେକ ନାବିକ ଓ ବଣିକମାନେ କେଉଁ ସଂସ୍ଥା ଗଠନ କରିଥିଲେ ? ଏହା ଦ୍ୱାରା ସେମାନଙ୍କର କଣ ଲାଭ ହୋଇଥିଲା ?

ଜ. ଫରାସୀ ଇଷ୍ଟଇଣ୍ଡିଆ କଂପାନୀ କାହିଁକି ଗଠନ କରାଯାଇଥିଲା ?

ଝ. କର୍ଣ୍ଣାଟ ସମର କଣ ? ଏହା କାହିଁକି ହୋଇଥିଲା ?

୨. ରେଖାଙ୍କିତ ପଦ/ପଦଗୁଡ଼ିକ ବଦଳାଇ ଭ୍ରମ ସଂଶୋଧନ କର ।

କ. ଅଟୋମାନ ତୁର୍କମାନେ ୧୪୪୮ ଖ୍ରୀଷ୍ଟାବ୍ଦରେ କନଷ୍ଟାଣ୍ଟିନୋପଲ ଅଧିକାର କରିଥିଲେ ।

ଖ. ବାର୍ଥଲୋମିଓ ଫରାସୀ ନାବିକ ଥିଲେ ।

ଗ. ପେଡ୍ରୋଆଲଭାରେଜ୍ କାବ୍ରେଲ ୫୦ ଖଣ୍ଡ ବାଣିଜ୍ୟ ତରୀ ସହ ଲିସବନଠାରୁ ଭାରତ ଅଭିମୁଖେ ଜଳଯାତ୍ରା କରିଥିଲେ ।

ଘ. ଡଚ୍‌ମାନେ ଓଡ଼ିଶାର ପାରଦ୍ବୀପଠାରେ ବାଣିଜ୍ୟ କେନ୍ଦ୍ର ସ୍ଥାପନ କରିଥିଲେ ।

ଙ. ଜାହାଙ୍ଗୀର୍ ଇଂରେଜମାନଙ୍କ ଉପରେ ଖୁସି ହୋଇ ବମ୍ବେଠାରେ ସେମାନଙ୍କୁ ବାଣିଜ୍ୟ କୋଠି ନିର୍ମାଣ ପାଇଁ ସୁଯୋଗ ଦେଇଥିଲେ ।

ଚ. ଫରାସୀମାନେ ମାଲବାର ଉପକୂଳର କୋଚିନ ବନ୍ଦର ଅଧିକାର କରିଥିଲେ ।

୩. ଭୁଲଥିଲେ ଠିକ୍ କରି ଲେଖ ।

କ. ତ୍ରୟୋଦଶ ଶତାବ୍ଦୀରେ ଇଉରୋପୀୟମାନେ ଭାରତକୁ ଜଳ ପଥ ଆବିଷ୍କାର କରିଥିଲେ ।

ଖ. ଭାରତକୁ ଜଳପଥ ଆବିଷ୍କାର କରିବାରେ ଫରାସୀମାନେ ଆଗରେ ଥିଲେ ।

ଗ. ଶ୍ରୀରାମପୁର ଉତ୍ତର ପ୍ରଦେଶରେ ଅବସ୍ଥିତ ।

ଘ. ଫରାସୀମାନେ ହକିନ୍‌ସଙ୍କୁ ଜାହାଙ୍ଗୀର୍‌ଙ୍କ ଦରବାରକୁ ବାଣିଜ୍ୟ ସୁବିଧା ହାସଲ କରିବା ପାଇଁ ପଠାଇଥିଲେ ।

ଙ. ଫରାସୀ ଇଣ୍ଡିଇଣ୍ଡିଆ କଂପାନୀ ୧୬୬୨ ଖ୍ରୀଷ୍ଟାବ୍ଦରେ ଗଠିତ ହୋଇଥିଲା।

ଚ. ଚନ୍ଦନନଗର ଓଡ଼ିଶାରେ ଅବସ୍ଥିତ ।

ପ୍ରଥମ ରୁ ଦ୍ୱାଦଶ
COMPETITIVE BOOKS
(ଓଡ଼ିଶା Board and NCERT
All Books With Solutions
OBS

**୪. ସଂକ୍ଷିପ୍ତ ଟିପ୍ପଣୀ ଦିଅ ।**

କ. ଭାସ୍କୋଡାଗାମାଙ୍କ ଭାରତକୁ ଜଳପଥର ଆବିଷ୍କାର

ଖ. ପେଡ୍ରୋଆଲଭାରେଜ କାବ୍ରେଲ

ଗ. ଡଚମାନଙ୍କର ଭାରତରେ ବାଣିଜ୍ୟ

ଘ. ୧୫୯୯ ଖ୍ରୀଷ୍ଟାବ୍ଦରେ ଲଣ୍ଡନରେ ଗଠିତ ଇଷ୍ଟଇଣ୍ଡିଆ କଂପାନୀ

ଙ. ଫରାସୀ ଇଷ୍ଟଇଣ୍ଡିଆ କଂପାନୀ

### ତୁମପାଇଁ କାମ

ତୁମ ଅଂଚଳରେ କେଉଁ କେଉଁ ଜିନିଷ କିପରି ବାଣିଜ୍ୟ ବ୍ୟବସାୟ କରାଯାଉଛି, ଲେଖ ।



## ପାଠ୍ୟପୁସ୍ତକ ଅନ୍ତର୍ଗତ ପ୍ରଶ୍ନାବଳୀର ଉତ୍ତର

**୧ । ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।**

**(କ) ପ୍ରାଚୀନ କାଳରେ ଇଉରୋପ ମହାଦେଶର ଲୋକମାନେ ଭାରତରୁ କେଉଁ କେଉଁ ଜିନିଷ ଆମଦାନି କରୁଥିଲେ ?**

ଉ : ପ୍ରାଚୀନ କାଳରେ ଇଉରୋପ ମହାଦେଶର ଲୋକମାନେ ଭାରତରୁ ପାଟବସ୍ତ୍ର, ଲବଙ୍ଗ ଆଦି ମସଲା, ମୂଲ୍ୟବାନ ପଥର, ହାତୀଦାନ୍ତ ଆମଦାନି କରୁଥିଲେ ।

**(ଖ) ଇଉରୋପୀୟମାନେ ଭାରତକୁ ଆସିବାକୁ କାହିଁକି ଆଗ୍ରହ ପ୍ରକାଶ କଲେ ?** (୨୦୧୭-୧୮)

ଉ : ତ୍ରୟୋଦଶ ଶତାବ୍ଦୀରେ ଇଟାଲୀର ମାର୍କୋପୋଲୋ ଭାରତକୁ ଆସିଥିଲେ । ସେ ନିଜ ଦେଶକୁ ଫେରି ଭାରତର ହୀରା, ମୁକ୍ତା, ସୂକ୍ଷ୍ମ କାର୍ପାସ ବସ୍ତ୍ର ଇତ୍ୟାଦି ବିଷୟରେ କହିବାରୁ ଇଉରୋପୀୟମାନେ ଭାରତକୁ ଆସିବାକୁ ଆଗ୍ରହ ପ୍ରକାଶ କଲେ ।

ପ୍ରଥମ ରୁ ଦ୍ୱାଦଶ COMPETITIVE BOOKS ଓଡ଼ିଶା Board and NCERT All Books With Solution

**(ଗ) ଭାରତର ବିଭିନ୍ନ ଜିନିଷଗୁଡ଼ିକ ଇଉରୋପ ମହାଦେଶରେ ମହଙ୍ଗାରେ ବିକ୍ରୀ ହେଉଥିଲା କାହିଁକି ?**

ଉ : ଭାରତରୁ ବିଭିନ୍ନ ଜିନିଷ କାବୁଲ, ଆଫ୍‌ଗାନିସ୍ଥାନ, ପାରସ୍ୟ ଇତ୍ୟାଦି ବୁଲାଣି ରାସ୍ତା ଦେଇ ଇଉରୋପରେ ପହଞ୍ଚୁଥିଲା । ଏଣୁ ସେଗୁଡ଼ିକ ମହଙ୍ଗାରେ ବିକ୍ରି ହେଉଥିଲା ।

**(ଘ) ଇଉରୋପ ମହାଦେଶ ସହ ଭାରତର ବାଣିଜ୍ୟ କାରବାର ବନ୍ଦ ହେବାର କାରଣ କ'ଣ ଥିଲା ?**

ଉ : ୧୪୫୩ ଖ୍ରୀଷ୍ଟାବ୍ଦରେ ଅଟୋମାନ୍ ତୁର୍କମାନେ ଏକ ସାମ୍ରାଜ୍ୟ ପ୍ରତିଷ୍ଠା କରି କନ୍‌ଷ୍ଟାଣ୍ଟିନୋପଲ ଅଧିକାର କରିଥିଲେ । ଏଇ ବାଟ ଦେଇ ଇଉରୋପୀୟ ଦେଶଗୁଡ଼ିକୁ ମାଲ ପରିବହନ ବନ୍ଦ ହୋଇଗଲା । ସୁତରାଂ ଇଉରୋପୀୟ ଦେଶମାନଙ୍କ ସହ ଭାରତର ବାଣିଜ୍ୟ କାରବାର ବନ୍ଦ ହୋଇଗଲା ।

**(ଙ) ପର୍ତ୍ତୁଗୀଜମାନେ ଭାରତକୁ ଜଳପଥ ଆବିଷ୍କାର କରିବା ପାଇଁ କି କି ପଦକ୍ଷେପ ନେଇଥିଲେ ?**

ଉ : ପର୍ତ୍ତୁଗୀଜମାନେ ଭାରତକୁ ଜଳପଥ ଆବିଷ୍କାର କରିବା ପାଇଁ ବହୁ ଉଦ୍ୟମ କରିଥିଲେ । ବହୁ ପର୍ତ୍ତୁଗୀଜ ନାବିକ ଯଥା

ବାର୍ଥଲୋମିଓ ଡାଏଜ୍, କଲମ୍ବସ ଇତ୍ୟାଦି ଏଥିରେ ବିଫଳ ହୋଇଥିଲେ । ପରେ ୧୪୯୮ ଖ୍ରୀଷ୍ଟାବ୍ଦରେ ଭାସ୍କୋଡାଗାମା ଭାରତକୁ ଜଳପଥ ଆବିଷ୍କାର କରିଥିଲେ ।

**(ଚ) ଡଚ୍‌ମାନେ ଷୋଡ଼ଶ ଶତାବ୍ଦୀରେ ଭାରତକୁ କାହିଁକି ଆସିଥିଲେ ?** **(୨୦୧୬-୧୭)**

**ଉ :** ଷୋଡ଼ଶ ଶତାବ୍ଦୀର ଶେଷ ଭାଗରେ ଡଚ୍‌ମାନେ (ହଲାଣ୍ଡର ଅଧିବାସୀ) ଭାରତକୁ ଆସିଥିଲେ । ଭାରତ ଓ ପୂର୍ବ ଏସିଆରୁ ଗରମ ମସଲା ଆମଦାନୀ କରିବା ସେମାନଙ୍କ ପ୍ରଧାନ ଲକ୍ଷ୍ୟ ଥିଲା ।

**(ଛ) ୧୫୯୯ ମସିହାରେ ଲଣ୍ଡନର କେତେକ ନାବିକ ଓ ବଣିକମାନେ କେଉଁ ସଂସ୍ଥା ଗଠନ କରିଥିଲେ ? ଏହାଦ୍ୱାରା ସେମାନଙ୍କ କ'ଣ ଲାଭ ହୋଇଥିଲା ?**

**ଉ :** ୧୫୯୯ ଖ୍ରୀଷ୍ଟାବ୍ଦରେ ଇଂଲଣ୍ଡର କେତେକ ବଣିକ ଓ ନାବିକ ଏକ ବାଣିଜ୍ୟ ସଂସ୍ଥା ଗଠନ କରିଥିଲେ । ଏହା ପ୍ରଥମେ ଜାଭା ଓ ସୁମାତ୍ରା ଇତ୍ୟାଦି ସ୍ଥାନରେ ବାଣିଜ୍ୟ କରିଥିଲେ ।

**(ଜ) ଫରାସୀ ଇଷ୍ଟ ଇଣ୍ଡିଆ କମ୍ପାନୀ କାହିଁକି ଗଠନ କରାଯାଇଥିଲା ?** **(୨୦୧୬-୧୭)**

**ଉ :** ୧୬୬୪ ଖ୍ରୀଷ୍ଟାବ୍ଦରେ ଫରାସୀ ଇଷ୍ଟ ଇଣ୍ଡିଆ କମ୍ପାନୀ ଗଠନ କରାଯାଇଥିଲା । ଏହାର କାରଣ ହେଲା ପ୍ରାଚ୍ୟ ଦେଶମାନଙ୍କ ସହ ବାଣିଜ୍ୟ କାରବାର କରିବା ।

**(ଝ) କର୍ଣ୍ଣାଟ ସମର କ'ଣ ? ଏହା କାହିଁକି ହୋଇଥିଲା ?** **(୨୦୧୬-୧୭)**

**ଉ :** ଅଷ୍ଟାଦଶ ଶତାବ୍ଦୀ ମଧ୍ୟଭାଗରେ ଭାରତରେ ବାଣିଜ୍ୟ କରିବା ପାଇଁ ଓ ରାଜନୈତିକ କ୍ଷେତ୍ରରେ ଇଂରେଜ ଓ ଫରାସୀମାନଙ୍କ ମଧ୍ୟରେ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା । ଏଥିପାଇଁ ତିନିଥର କର୍ଣ୍ଣାଟ ସମର ହୋଇଥିଲା ୧୭୪୬ ରୁ ୧୭୬୩ ଖ୍ରୀଷ୍ଟାବ୍ଦ ମଧ୍ୟରେ ।

**୨ । ରେଖାଙ୍କିତ ପଦ /ପଦଗୁଡ଼ିକ ବଦଳାଇ ଭ୍ରମ ସଂଶୋଧନ କର ।**

(କ) ଅଟୋମାନ ତୁର୍କମାନେ ୧୪୪୮ ଖ୍ରୀଷ୍ଟାବ୍ଦରେ କନ୍‌ଷ୍ଟାଣ୍ଟିନୋପଲ ଅଧିକାର କରିଥିଲେ ।

**ଉ :** ଅଟୋମାନ ତୁର୍କମାନେ ୧୪୫୩ ଖ୍ରୀଷ୍ଟାବ୍ଦରେ କନ୍‌ଷ୍ଟାଣ୍ଟିନୋପଲ ଅଧିକାର କରିଥିଲେ ।

(ଖ) ବାର୍ଥଲୋମିଓ ଫରାସୀ ନାବିକ ଥିଲେ ।

**ଉ :** ବାର୍ଥଲୋମିଓ ପର୍ତ୍ତୁଗୀଜ ନାବିକ ଥିଲେ ।

(ଗ) ପେଡ୍ରୋଆଲ୍‌ଭାରେଜ୍ କାବ୍ରେଲ ୫୦ ଖଣ୍ଡ ବାଣିଜ୍ୟ ତରୀ ସହ ଲିସବନଠାରୁ ଭାରତ ଅଭିମୁଖେ ଜଳଯାତ୍ରା କରିଥିଲେ ।

**ଉ :** ପେଡ୍ରୋଆଲ୍‌ଭାରେଜ୍ କାବ୍ରେଲ୍ ୧୩ ଖଣ୍ଡ ବାଣିଜ୍ୟ ତରୀ ସହ ଲିସ୍‌ବନ୍‌ଠାରୁ ଭାରତ ଅଭିମୁଖେ ଜଳଯାତ୍ରା କରିଥିଲେ ।

(ଘ) ଡଚ୍‌ମାନେ ଓଡ଼ିଶାର ପାରାଦ୍ୱୀପଠାରେ ବାଣିଜ୍ୟ କେନ୍ଦ୍ର ସ୍ଥାପନ କରିଥିଲେ ।

**ଉ :** ଡଚ୍‌ମାନେ ଓଡ଼ିଶାର ବାଲେଶ୍ୱରଠାରେ ବାଣିଜ୍ୟ କେନ୍ଦ୍ରମାନ ସ୍ଥାପନ କରିଥିଲେ ।

(ଙ) ଜାହାଙ୍ଗୀର ଇଂରେଜମାନଙ୍କ ଉପରେ ଖୁସି ହୋଇ ବମ୍ବେଠାରେ ସେମାନଙ୍କୁ ବାଣିଜ୍ୟ କୋଠି ନିର୍ମାଣ ପାଇଁ ସୁଯୋଗ ଦେଇଥିଲେ ।

**ଉ :** ଜାହାଙ୍ଗୀର ଇଂରେଜମାନଙ୍କ ଉପରେ ଖୁସି ହୋଇ ସୁରାଟ୍‌ଠାରେ ସେମାନଙ୍କୁ ବାଣିଜ୍ୟ କୋଠି ନିର୍ମାଣ ପାଇଁ ସୁଯୋଗ ଦେଇଥିଲେ ।

(ଚ) ଫରାସୀମାନେ ମାଲବାର ଉପକୂଳର କୋଚିନ ବନ୍ଦର ଅଧିକାର କରିଥିଲେ ।

**ଉ :** ଫରାସୀମାନେ ମାଲବାର ଉପକୂଳରେ ମାହେ ବନ୍ଦର ଅଧିକାର କରିଥିଲେ ।

**୩ । ଭୁଲ ଥିଲେ ଠିକ୍ କରି ଲେଖ ।**

(କ) ତ୍ରୟୋଦଶ ଶତାବ୍ଦୀରେ ଇଉରୋପୀୟମାନେ ଭାରତକୁ ଜଳପଥ ଆବିଷ୍କାର କରିଥିଲେ ।

**ଉ :** ପଞ୍ଚଦଶ ଶତାବ୍ଦୀରେ ଇଉରୋପୀୟମାନେ ଭାରତକୁ ଜଳପଥ ଆବିଷ୍କାର କରିଥିଲେ ।

(ଖ) ଭାରତକୁ ଜଳପଥ ଆବିଷ୍କାର କରିବାରେ ଫରାସୀମାନେ ଆଗରେ ଥିଲେ ।

**ଉ :** ଭାରତକୁ ଜଳପଥ ଆବିଷ୍କାର କରିବାରେ ପର୍ତ୍ତୁଗୀଜମାନେ ଆଗରେ ଥିଲେ ।

(ଗ) ଶ୍ରୀରାମପୁର ଉତ୍ତର ପ୍ରଦେଶରେ ଅବସ୍ଥିତ ।

**ଉ :** ଶ୍ରୀରାମପୁର ବଙ୍ଗଦେଶ ପ୍ରଦେଶରେ ଅବସ୍ଥିତ ।

(ଘ) ଫରାସୀମାନେ ହକିନ୍‌ସ୍‌ଙ୍କୁ ଜାହାଙ୍ଗୀରଙ୍କ ଦରବାରକୁ ବାଣିଜ୍ୟ ସୁବିଧା ହାସଲ କରିବା ପାଇଁ ପଠେଇଥିଲେ ।

**ଉ :** ଇଂରେଜମାନେ ହକିନ୍‌ସ୍‌ଙ୍କୁ ଜାହାଙ୍ଗୀରଙ୍କ ଦରବାରକୁ ବାଣିଜ୍ୟ ସୁବିଧା ହାସଲ କରିବାପାଇଁ ପଠାଇଥିଲେ ।

(ଙ) ଫରାସୀ ଇଷ୍ଟ୍ ଇଣ୍ଡିଆ କମ୍ପାନୀ ୧୬୬୨ ଖ୍ରୀଷ୍ଟାବ୍ଦରେ ଗଠିତ ହୋଇଥିଲା ।

**ଉ :** ଫରାସୀ ଇଷ୍ଟ୍ ଇଣ୍ଡିଆ କମ୍ପାନୀ ୧୬୬୪ ଖ୍ରୀଷ୍ଟାବ୍ଦରେ ଗଠିତ ହୋଇଥିଲା ।

(ଚ) ଚନ୍ଦନ ନଗର ଓଡ଼ିଶାରେ ଅବସ୍ଥିତ ।

**ଉ :** ଚନ୍ଦନନଗର ବଙ୍ଗଦେଶରେ ଅବସ୍ଥିତ ।

**୪ । ସଂକ୍ଷିପ୍ତ ଟିପ୍ପଣୀ ଲେଖ ।**

**(କ) ଭାସ୍କୋଡାଗାମାଙ୍କ ଭାରତକୁ ଜଳପଥ ଆବିଷ୍କାର ।**

**ଉ :**(i) ଭାସ୍କୋଡାଗାମା ଜଣେ ପର୍ତ୍ତୁଗୀଜ ନାବିକ ଥିଲେ ।

(ii) ସେ ୧୪୯୮ ଖ୍ରୀଷ୍ଟାବ୍ଦରେ ପର୍ତ୍ତୁଗାଲରୁ ଭାରତକୁ ଜଳପଥ ଆବିଷ୍କାର କରିଥିଲେ ।

**(ଖ) ପେଡ୍ରୋଆଲଭାରେଜ୍ କାବ୍ରେଲ ।**

ଉ :(i) ପେଡ୍ରୋଆଲଭାରେଜ୍ କାବ୍ରେଲ ଜଣେ ପର୍ତ୍ତୁଗୀଜ ନାବିକ ଥିଲେ ।

(ii) ସେ ୧୫୦୦ ଖ୍ରୀଷ୍ଟାବ୍ଦ ମାର୍ଚ୍ଚ ମାସରେ ୧୩ ଖଣ୍ଡ ବାଣିଜ୍ୟ ତରୀ ସହ ଲିସ୍‌ବନରୁ ଜଳଯାତ୍ରା ଆରମ୍ଭ କରି ସେପ୍ଟେମ୍ବର ମାସରେ ଭାରତରେ ପହଞ୍ଚିଥିଲେ ।

(iii) ରାଜା ଜାମୋରିନ୍‌ଙ୍କ ସହ ତାଙ୍କ ମତଭେଦ ହେବାରୁ କାଲିକଟ୍ ଛାଡ଼ି କୋଚିନ୍‌ରେ ଆଶ୍ରୟ ନେଇଥିଲେ ।

**(ଗ) ଡଚ୍‌ମାନଙ୍କର ଭାରତରେ ବାଣିଜ୍ୟ ।** **(୨୦୧୬-୧୭)**

ଉ :(i) ଡଚ୍ ବା ଓଲନ୍ଦାଜ୍‌ମାନେ ହଲାଣ୍ଡ ଦେଶର ଅଧିବାସୀ ।

(ii) ୧୬୦୨ ଖ୍ରୀଷ୍ଟାବ୍ଦରେ ସେମାନେ ଡଚ୍ ଇଷ୍ଟ ଇଣ୍ଡିଆ କମ୍ପାନୀ ଗଠନ କରିଥିଲେ ।

(iii) ଡଚ୍‌ମାନେ ପର୍ତ୍ତୁଗୀଜମାନଙ୍କୁ ପରାସ୍ତ କରି ଗୁଜରାଟ, କରମଣ୍ଡଳ, ଉପକୂଳ ବଙ୍ଗ, ବିହାର ଇତ୍ୟାଦି ଅଞ୍ଚଳରେ ବାଣିଜ୍ୟ କୋଠିମାନ ସ୍ଥାପନ କରିଥିଲେ ।

**(ଘ) ୧୫୯୯ ଖ୍ରୀଷ୍ଟାବ୍ଦରେ ଲଣ୍ଡନରେ ଗଠିତ ଇଷ୍ଟ ଇଣ୍ଡିଆ କମ୍ପାନୀ ।**

ଉ :(i) ଲଣ୍ଡନର କେତେକ ନାବିକ ଓ ବଣିକ ୧୫୯୯ ଖ୍ରୀଷ୍ଟାବ୍ଦରେ ଏକ ବାଣିଜ୍ୟ ସଂସ୍ଥା ଗଠନ କରିଥିଲେ ।

(ii) ପରବର୍ତ୍ତୀ କାଳରେ ଏହା ଇଷ୍ଟ ଇଣ୍ଡିଆ କମ୍ପାନୀ ନାମରେ ପରିଚିତ ହେଲା ।

(iii) ଏହି କମ୍ପାନୀ ପ୍ରଥମେ ଜାଭା ଓ ସୁମାତ୍ରା ଆଦି ସ୍ଥାନରେ ବାଣିଜ୍ୟ କରୁଥିଲା ।

**(ଙ) ଫରାସୀ ଇଷ୍ଟ ଇଣ୍ଡିଆ କମ୍ପାନୀ ।** **(୨୦୧୭-୧୮)**

ଉ :(i) ଫରାସୀ ଇଷ୍ଟ ଇଣ୍ଡିଆ କମ୍ପାନୀ ୧୬୬୪ ଖ୍ରୀଷ୍ଟାବ୍ଦରେ ଗଠିତ ହୋଇଥିଲା ।

(ii) ପ୍ରାଚ୍ୟ ଦେଶମାନଙ୍କ ସହ ବାଣିଜ୍ୟ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।

(iii) ଏହି କମ୍ପାନୀ ସୁରାଟ, ମୁସୁଲିପଟ୍ଟନମ୍, ପଣ୍ଡିଚେରୀ ଇତ୍ୟାଦି ସ୍ଥାନରେ ବାଣିଜ୍ୟ କୋଠିମାନ ସ୍ଥାପନ କରିଥିଲା ।

ଓଡ଼ିଶା Board BOOKS All Books With Solutions OBS